RNI No.ODIODI/2010/33031
୧୭ ବର୍ଷ Volume-17
ISSUE -65 ସଂଖ୍ୟା-୬୫
ଭୁବନେଶ୍ୱର, ମଙ୍ଗଳବାର ୧୯ ମଇ ୨୦୨୬
Bhubaneswar, Tuesday 19 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

# କେରଳ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସତୀଶନ

ତିରୁଅନନ୍ତପୁରମ,୧୮୫(ନି.ପ୍ର.): କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) କେରଳ ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ହାସଲ କରିଛି। ୧୪୦ ଆସନରୁ ୧୦୨ ଆସନ ଜିତିଛି। ଭି.ଡି. ସତୀଶନ ସୋମବାର

## ରାହୁଲ ଓ ପ୍ରିୟଙ୍କା ଉପସ୍ଥିତ

ପୂର୍ବାହ୍ଣରେ ରାଜଧାନୀ ତିରୁବନନ୍ତପୁରମର ସେଣ୍ଟ୍ରାଲ ଷ୍ଟାଡିୟମରେ ତାଙ୍କ କ୍ୟାବିନେଟ ସହିତ ପଦ ଏବଂ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ସତୀଶନଙ୍କୁ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ପଦ ଏବଂ ଗୋପନୀୟତାର ସହିତ ଶପଥପାଠ କରାଇଛନ୍ତି।

ଏହି ସମାରୋହରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ଲୋକସଭା ସଦସ୍ୟ ରାହୁଲ ଗାନ୍ଧୀ ଏବଂ ଦଳର ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ର ଯୋଗ ଦେଇଛନ୍ତି। ସେହିପରି କଂଗ୍ରେସ

ଶାସିତ ରାଜ୍ୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏବଂ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ଶୁଖୁ ମଧ୍ୟ ଉପସ୍ଥିତ ଅଛନ୍ତି। ସେହିପରି ସମାରୋହରେ ବରିଷ୍ଠ କଂଗ୍ରେସ ନେତା କେସି ବେଣୁଗୋପାଳ, ବିଜେପି କେରଳ ସଭାପତି ରାଜୀବ ଚନ୍ଦ୍ରଶେଖର, ସିପିଆଇ ନେତା ବିନୟ ବିଶ୍ୱମ ପ୍ରମୁଖ ଯୋଗଦେଇଛନ୍ତି।

୨୧ ସଦସ୍ୟ ବିଶିଷ୍ଟ 'ପୂର୍ଣ୍ଣ କ୍ୟାବିନେଟ'ରେ ଆଞ୍ଚଳିକ ଏବଂ ମେଣ୍ଟ ସନ୍ତୁଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଭି.ଡି. ସତୀଶନ ରବିବାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥନ ଆର୍ଲେକରଙ୍କୁ ଭେଟି ତାଙ୍କ ଚୂଡ଼ାନ୍ତ ସହଯୋଗୀ ତାଲିକା ଦାଖଲ କରିଥିଲେ। ସତୀଶନଙ୍କ ସମେତ ୨୧ ଜଣ ସଦସ୍ୟଙ୍କୁ ନେଇ ଗଠିତ ନୂତନ କ୍ୟାବିନେଟ ଗଠନ ହେବ।

ମେଣ୍ଟ ଚୁକ୍ତିନାମା ଅନୁଯାୟୀ, ମନ୍ତ୍ରିମଣ୍ଡଳରେ ଦୁଇଜଣ ମହିଳା ଏବଂ ଅନୁସୂଚିତ ଜାତି ସମ୍ପ୍ରଦାୟର ଦୁଇଜଣ ସଦସ୍ୟଙ୍କ ସମେତ ୧୪ ଜଣ ନବନିର୍ବାଚିତ ସଦସ୍ୟଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ମେଣ୍ଟର ମୁଖ୍ୟ ସହଯୋଗୀ ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍ (ଓଟଗଖ) ପାଞ୍ଚଟି କ୍ୟାବିନେଟ ଆସନ ପାଇଛି। ଓଟଗଖ ରାଜ୍ୟ ସଭାପତି ସୟଦ ସାଦିକ୍ ଅଲି ଶିହାବ ଥାଙ୍ଗଲ୍ ଘୋଷଣା କରିଛନ୍ତି ଯେ ସରକାରଙ୍କ ଅଧା କାର୍ଯ୍ୟକାଳ ସମାପ୍ତ ହେବା ପରେ ଆଞ୍ଚଳିକ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରବୀଣ ନେତା ପରକ୍କଲ୍ ଅବଦୁଲ୍ଲାଙ୍କୁ ମଧ୍ୟ କ୍ୟାବିନେଟରେ ସାମିଲ କରାଯିବ।

କେରଳର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଭି.ଡି. ସତୀଶନ ଅନେକ ଜନକଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି। ତିରୁବନନ୍ତପୁରମଠାରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସତୀଶନ କହିଛନ୍ତି ଯେ ୟୁଡିଏଫ୍ ଦ୍ୱାରା ଦିଆଯାଇଥିବା 'ଇନ୍ଦିରା ଗ୍ୟାରେଣ୍ଟି'କୁ ଲାଗୁ କରିବା ପାଇଁ ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଅନେକ ଯୋଜନା ଉପରେ ମୋହର ବାଜିଛି। ସିଏମ୍ କହିଛନ୍ତି ଯେ ଜୁନ୍ ୧୫ରୁ କେରଳମର ମହିଳାମାନେ କଏଜଣ୍ଡଉ ବସ୍‌ରେ ମାଗଣାରେ ଯାତ୍ରା କରିପାରିବେ।

ପ୍ରଥମ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଭି.ଡି. ସତୀଶନ କହିଛନ୍ତି ଯେ ମହିଳାମାନଙ୍କ ପାଇଁ ମାଗଣା ବସ୍ ଯାତ୍ରା ଯୋଜନାର ସବିଶେଷ ମାର୍ଗଦର୍ଶିକା ପରେ ଜାରି କରାଯିବ। ଏହି ସମୟରେ, ବୟୋଜ୍ୟେଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଗଠନ କରିବା ନିଷ୍ପତ୍ତିକୁ ଦେଶର ଯେକୌଣସି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ସମାଜରେ ବୟୋଜ୍ୟେଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଆଯାଏ। ବରିଷ୍ଠ ନାଗରିକମାନଙ୍କ ଗାରିମାମୟ ଯତ୍ନ ସୁନିଶ୍ଚିତ କରିବା ପାଇଁ ତାଙ୍କ ସରକାର ଏକ ସ୍ୱତନ୍ତ୍ର ବିଭାଗ ଗଠନ କରିବାକୁ ଘୋଷଣା କରିଛନ୍ତି।

# ରାଜ୍ୟରେ ପେଟ୍ରୋଲ-ଡିଜେଲର ଅଭାବ ନାହିଁ : ମୁଖ୍ୟ ସଚିବ

ଭୁବନେଶ୍ୱର,୧୮।୫(ନି.ପ୍ର.): ଓଡ଼ିଶାରେ ଇନ୍ଧନ ସଙ୍କଟକୁ ନେଇ ଚାରିଆଡ଼ ଚର୍ଚ୍ଚା ଓ ତୈଳ ପମ୍ପରେ ଲମ୍ବା ଲାଇନ୍ ଦେଖାଯାଉଥିବା ବେଳେ ଏବେ ସରକାର ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ଯେ "ରାଜ୍ୟରେ ପେଟ୍ରୋଲ, ଡିଜେଲ କିମ୍ବା ଏଲପିଜିର କୌଣସି ଅଭାବ ନାହିଁ।" ସୋମବାର ଭୁବନେଶ୍ୱରରେ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏନେଇ ବଡ଼ ସୂଚନା ଦେଇ ଲୋକଙ୍କୁ ଗୁଜବର ବିଶ୍ୱାସ ନ କରିବାକୁ ଅନୁରୋଧ କରିଛନ୍ତି।

ବୈଠକରେ ତେଲ ବିପଣନ କମ୍ପାନୀମାନେ ସରକାରଙ୍କୁ ସ୍ପଷ୍ଟ କରିଥିଲେ ଯେ ରାଜ୍ୟରେ ପେଟ୍ରୋଲ, ଡିଜେଲ, ଏଲପିଜି ଓ ୟୁରିଆର ପର୍ଯ୍ୟାପ୍ତ ମହଜୁଦ ରହିଛି ଏବଂ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ଅଛି। ତେଣୁ ଲୋକମାନେ ଅଯଥାରେ ଭୟଭୀତ ହୋଇ ପମ୍ପଗୁଡ଼ିକରେ ଭିଡ଼ କରିବାର କୌଣସି ଆବଶ୍ୟକତା ନାହିଁ। ସରକାରଙ୍କ ମୁଖ୍ୟ ଫୋକସ୍ ଏବେ କଳାବଜାରୀ ଓ ବେଆଇନ ମହଜୁଦକୁ ରୋକିବା ଉପରେ। ଅନୁ ଗର୍ଗ ସଚେତନ କରାଇଛନ୍ତି ଯେ ଯେଉଁମାନେ ଅବୈଧ ଭାବରେ ଇନ୍ଧନ ମହଜୁଦ କରିବେ କିମ୍ବା କୃତ୍ରିମ ସଙ୍କଟ ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ। ଏଥିପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାରା ରାଜ୍ୟରେ ଇନ୍ଧନ ସପ୍ଲାଏ ସ୍ୱାଭାବିକ ରଖିବା ପାଇଁ ପ୍ରଶାସନ ପକ୍ଷରୁ ନିରନ୍ତର ମନିଟରିଂ ଚାଲିଛି। ଏହା ସହ ତୈଳ ପମ୍ପଗୁଡ଼ିକରେ ଅନାବଶ୍ୟକ ଭିଡ଼ ଓ ଅତିରିକ୍ତ ମହଜୁଦକୁ ଏଡ଼ାଇବା ପାଇଁ ସରକାର ଲୋକଙ୍କୁ ସହଯୋଗ ଆହ୍ୱାନ କରିଛନ୍ତି।

## ଶୁଭେନ୍ଦୁଙ୍କ କ୍ୟାବିନେଟରେ ୫ ପ୍ରସ୍ତାବକୁ ମଞ୍ଜୁରୀ

କୋଲକାତା: ପଶ୍ଚିମବଙ୍ଗର ଶୁଭେନ୍ଦୁ ଅଧିକାରୀ ସରକାର ତାଙ୍କର ଦ୍ୱିତୀୟ କ୍ୟାବିନେଟ ବୈଠକରେ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏଥିରେ ମହିଳାଙ୍କ ପାଇଁ ମାସିକ ୩ହଜାର ଟଙ୍କା, ମାଗଣା ବସ୍ ଯାତ୍ରା ଏବଂ ସପ୍ତମ ରାଜ୍ୟ ବେତନ କମିସନ ଗଠନ ଅନ୍ତର୍ଭୁକ୍ତ ରହିଛି। କ୍ୟାବିନେଟ ବୈଠକ ପରେ,ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରୀ ଅଗ୍ନିମିତ୍ର ପାଉଲ ଏକ ପ୍ରେସ ବ୍ରିଫିଂରେ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ସରକାର ଅନ୍ନପୂର୍ଣ୍ଣା ଯୋଜନାକୁ ଅନୁମୋଦନ କରିଛନ୍ତି, ଯାହା ଦ୍ୱାରା ଜୁନ୍ ୧ ତାରିଖରୁ ମହିଳାମାନଙ୍କୁ ମାସିକ ୩,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଜୁନ୍ ୧ ତାରିଖରୁ ସରକାରୀ ବସ୍‌ରେ ମହିଳାମାନଙ୍କୁ ମାଗଣା ଯାତ୍ରା ଯୋଗାଇବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ସରକାର ରାଜ୍ୟ ସରକାରଙ୍କ କର୍ମଚାରୀ, ସମ୍ପୃକ୍ତ ସାମ୍ବିଧାନିକ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ପାଇଁ ସପ୍ତମ ରାଜ୍ୟ ବେତନ କମିସନ ଗଠନକୁ ଅନୁମୋଦନ କରିଛନ୍ତି। ଏହା ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ଲାଭ ଦେବ। ଏହା ବ୍ୟତୀତ, ଧାର୍ମିକ ବର୍ଗୀକରଣ ଉପରେ ଆଧାରିତ ଗୋଷ୍ଠୀଗୁଡ଼ିକୁ ସରକାରୀ ସହାୟତା ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ୟୁକ୍ରେନ ଡ୍ରୋନ୍ ଆକ୍ରମଣରେ ଗଞ୍ଜାମର ଜଣେ ମୃତ, ୨ ଆହତ

ଭୁବନେଶ୍ୱର,୧୮।୫(ନି.ପ୍ର.): ନିକଟରେ ରୁଷ୍ ଉପରେ ୟୁକ୍ରେନ୍ ଡ୍ରୋନ୍ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ମୃତାହତମାନେ ଗଞ୍ଜାମଜିଲ୍ଲା ଚିକିଟି ବ୍ଲକର ବୋଲି ଜଣାଯାଇଛି।

ସରକାରଙ୍କ ପକ୍ଷରୁ ପ୍ରକାଶିତ ସୂଚନାନୁସାରେ, ମୃତକ ଜଣକ ଚିକିଟି ବ୍ଲକ୍‌ର ନୂଆଗାଁ ମାଧବନ୍ଦର ବାସିନ୍ଦା ଥିଲେ। ସେହିଭଳି ଆହତ ଦୁଇଜଣ ରଙ୍ଗେଇଲୁଣ୍ଡା ବ୍ଲକର ଗୋଳନ୍ଥରା ଥାନା ଅଧୀନ କୋଠାରସିଙ୍ଗି ଗାଁର ବାସିନ୍ଦା ଅଟନ୍ତି। ସେମାନେ ସମସ୍ତେ କୁଶଳୀ କାରିଗର ଥିଲେ। ଆହତ ବ୍ୟକ୍ତିମାନେ ହେଲେ- ଜି କ୍ଷେତ୍ରବାସୀ ରେଡ୍ଡୀ ଓରଫ ବଡ୍ଡାନ୍ନାଙ୍କ ପୁତ୍ର ଜି ତେଜା (୨୨) ଏବଂ ଜି କ୍ଷେତ୍ରବାସୀ ରେଡ୍ଡୀ (୩୫)। ଆହତଙ୍କ ପରିଚୟ ମିଳିଥିଲେ ମଧ୍ୟ ମୃତକଙ୍କ ପରିଚୟ ସମ୍ପର୍କରେ ମସ୍କୋ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କେଣସି ସୂଚନା ଜାରି କରାଯାଇନାହିଁ।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲାରୁ ଅନେକ ସାଉଦୀ, ଦୁବାଇ, ଆବୁଧାବି, ଓମାନ, କୁଏତ୍ ଆଦି ମଧ୍ୟପ୍ରାଚ୍ୟରେ ନିର୍ମାଣ ଆଦି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅଳ୍ପସଂଖ୍ୟକ କୁଶଳୀ କାରିଗର ରୁଷ୍ ଓ ଅନ୍ୟ ଇଉରୋପୀୟ ରାଷ୍ଟ୍ରରେ କାର୍ଯ୍ୟ କରୁଛନ୍ତି।

# କୋର୍ କମିଟି ବୈଠକରେ ୫ ଗୁରୁମନ୍ତ୍ର ଦେଲେ ନିତିନ ନବୀନ

ଭୁବନେଶ୍ୱର,୧୮।୫(ନି.ପ୍ର.); ଭୁବନେଶ୍ୱରରେ ବିଜେପିର ବଡ଼ ମନ୍ଥନ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ସଂଗଠନକୁ ଆହୁରି ଅଧିକ ମଜଭୁତ କରିବା ପାଇଁ ଆକ୍ସନ ମୋଡ୍‌ରେ ଦଳ। ଏହି ପରିପ୍ରେକ୍ଷୀରେ ରାଜଧାନୀ ଗସ୍ତରେ ଥିବା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ କୋର୍ କମିଟି ବୈଠକରେ ଦଳୀୟ ନେତା ଓ କର୍ମୀଙ୍କୁ ଦେଇଛନ୍ତି '୫ ଗୁରୁମନ୍ତ୍ର'। ସଂଗଠନ ଠାରୁ ସରକାରୀ ଯୋଜନାର ଗ୍ରାଉଣ୍ଡ କନେକ୍ସନ୍ ପର୍ଯ୍ୟନ୍ତ ପ୍ରତିଟି ବିଷୟରେ ସ୍ପଷ୍ଟ ରୋଡମ୍ୟାପ ଦେଇଛନ୍ତି ନିତିନ।

ନୂଆ ଦାୟିତ୍ୱ ମିଳିବା ପରେ ଓଡ଼ିଶାରେ ଏହା ତାଙ୍କର ପ୍ରଥମ ଗସ୍ତ ହୋଇଥିବାରୁ ବୈଠକକୁ ନେଇ ଦଳୀୟ ଶିବିରରେ ବେଶ୍ ଉତ୍ସାହ ଦେଖାଯାଇଥିଲା। ବୈଠକରେ ନିତିନ ନବୀନ ସବୁଠୁ ପ୍ରଥମେ ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ଜୋର ଦେଇଥିଲେ। ଦଳ ଭିତରେ ଯେତେ ଭଲ କୋର୍ଡିନେସନ୍ ରହିବ, ସଂଗଠନ ସେତେ ମଜବୁତ ହେବ ବୋଲି ସେ କହିଥିଲେ।

ଦ୍ୱିତୀୟରେ ସଂଗଠନକୁ ତଳସ୍ତରରୁ ଆହୁରି ସୁଦୃଢ଼ କରିବାକୁ ଫୋକସ୍ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ କର୍ମୀକର୍ତ୍ତାଙ୍କୁ ଗୁରୁତ୍ୱ ଦେଇ ସଂଗଠନୀୟ କାର୍ଯ୍ୟର ତଦାରଖ କରିବା ଉପରେ

ମଧ୍ୟ ସେ ଜୋର ଦେଇଥିଲେ। ତୃତୀୟ ଓ ଚତୁର୍ଥ ମନ୍ତ୍ରରେ ଜନତାଙ୍କ ମଧ୍ୟରେ ସରକାରଙ୍କ ଗ୍ରହଣୀୟତା ବଢ଼ାଇବା ଓ ଲୋକାଭିମୁଖୀ ଛବିକୁ ଆହୁରି ମଜବୁତ କରିବା ନେଇ ନେତାଙ୍କୁ ଟାସ୍କ ଦେଇଥିଲେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଞ୍ଚମ ମନ୍ତ୍ର ଥିଲା, ସରକାରୀ ଯୋଜନାକୁ ଗ୍ରାଉଣ୍ଡ ଲେଭେଲ୍‌ରେ ପହଞ୍ଚାଇବା। କେବଳ ଘୋଷଣା ନୁହେଁ, ଲୋକେ ଯେପରିକି ପ୍ରକୃତ ଲାଭ ପାଇବେ ସେଥିପାଇଁ କର୍ମୀଙ୍କୁ ଆହୁରି ସକ୍ରିୟ ହେବାକୁ ସେ ଆହ୍ୱାନ କରିଥିଲେ। ଏହି ହାଇଭୋଲଟେଜ୍ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବୈଜୟନ୍ତ ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ, ବିଜୟ ପାଲ ସିଂ ତୋମାର ଓ ଲତା ଉସେଣ୍ଡିଙ୍କ ସହ ଅନ୍ୟାନ୍ୟ କୋର୍ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନକୁ ଟାର୍ଗେଟ୍ କରି ବିଜେପି ଏବେ ଫୁଲ୍ ଇଲେକ୍ସନ୍ ମୋଡ୍‌ରେ ଥିବା ଏହି ବୈଠକରୁ ସ୍ପଷ୍ଟ ସନ୍ଦେଶ ମିଳିଛି।

# ଗୁଳି ଫୁଟାଇ ଲୁଟି ନେଲେ ୮ ଲକ୍ଷରୁ ଅଧିକ ଟଙ୍କା

କେନ୍ଦୁଝର୧୮।୫(ନି.ପ୍ର.): ବାଉରିପଦା ପଞ୍ଚାୟତରେ ଆଜି ଦେବାକୁ ଥିଲା ଭତ୍ତା। ଏଣୁ ସକାଳ ୯ ଟା ୪୫ ମିନିଟରେ କେନ୍ଦୁଝର ଏଚଡିଏଫସି ବ୍ୟାଙ୍କରୁ ବାଉରିପଦା ପିଇଓ ଏବଂ ଏଡିଇଓ ମିଶି ୮ଲକ୍ଷ ୧୮ ହଜାର ଏକ ଶହ ଟଙ୍କା ଉଠାଇ ପଞ୍ଚାୟତ ଅଭିମୁଖେ ବାଇକରେ ଯାଉଥିଲେ। ଉଭୟଙ୍କୁ ଜଣା ନ ଥିଲା ଏକ ନାଲି ରଙ୍ଗର ପଲସର ମୋଟର ସାଇକଲ ତାଙ୍କୁ ପିଛା କରୁଛି ବୋଲି। ସଦର ଥାନା ମୁକୁନା ବଜାର ଠାରୁ କିଛି ଦୁରରେ ପଲସର ବାଇକରେ ଥିବା ତିନି ଜଣ ହଠାତ ତାଙ୍କ ସାମ୍ନାରେ ବାଇକରଖି ତାଙ୍କୁ ଟଙ୍କା ଭରା ବ୍ୟାଗ ମାଗିଥିଲେ।

ଏ ଦୁଇ ଜଣ ନ ଦେବାରୁ ବନ୍ଧୁକ ବାହାର କରି ଏକ ରାଉଣ୍ଡ ଗୁଳି ଫୁଟାଇ ଥିଲେ। ଗୁଳି ଫୁଟାଇ ଦୁଇ ଅଧିକାରୀଙ୍କ ଦୁଇଟି ବ୍ୟାଗକୁ ଛଟାଇ ନାଲି ପଲସର (ନମ୍ବର- ଓଡି୦୨ଜେ୫୨୦୩) ଗାଡ଼ିରେ ବେଲଦା ଅଭିମୁଖେ ପଳାଇଯାଇଥିଲେ। ପରେ ପିଇଭି ଫୋନ ମାଧ୍ୟମରେ ସଦର ବିଡିଓ ଙ୍କୁ ଅବଗତ କରାଇଥିଲେ। ସବୁ କଥା ଶୁଣିବା ପରେ ଅଧିକାରୀମାନେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବାଲି ମାଫିଆଙ୍କ ସାମ୍ରାଜ୍ୟ ଉପରେ ପୁଲିସର ଚଢ଼ାଉ

କେନ୍ଦୁଝର,୧୮।୫(ନି.ପ୍ର.): କେନ୍ଦୁଝର ଜିଲ୍ଲାରେ ସକ୍ରିୟ ଥିବା ବେଆଇନ ବାଲି ମାଫିଆଙ୍କ ବିରୋଧରେ ପୁଲିସ ପ୍ରଶାସନ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେନ୍ଦୁଝର ପୁଲିସର ସ୍ପେସାଲ୍ ସ୍କ୍ୱାର୍ଡ ପକ୍ଷରୁ ବିଭିନ୍ନ ସ୍ଥାନରେ ଏକକାଳୀନ ମେଗା ରେଡ୍ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାର ଆନନ୍ଦପୁର, ଘଷିପୁରା, ହାଟଡିହି ଏବଂ ଘଟଗାଁ ଅଞ୍ଚଳର ପ୍ରାୟ ୧୨ଟି ସ୍ଥାନରେ ପୁଲିସ ବାଲି ମାଫିଆଙ୍କ ଆଡ୍ଡା ଓ

### ୨୫ ଲକ୍ଷ ନଗଦ ସହ ୩୦ରୁ ଅଧିକ ଗାଡ଼ି ଜବତ

ବାସଭବନ ଉପରେ ଚଢ଼ାଉ କରିଛି। ସକାଳ ୫ଟାରୁ ଜାରି ରହିଛି ରେଡ୍। ଏହି ବ୍ୟାପକ ଚଢ଼ାଉ ସମୟରେ ପୁଲିସ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଏବଂ ସାମଗ୍ରୀ ଲାଗିଛି। ମାଫିଆଙ୍କ ଘରୁ ୨୫ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ କରାଯିବା ସହ ବାଲି ଚୋରା ଚାଲାଣରେ ବ୍ୟବହୃତ ହେଉଥିବା ୩୦ରୁ ଅଧିକ ଗାଡ଼ିକୁ ପୁଲିସ ଜବତ କରିଛି। ଏହା ବ୍ୟତୀତ ବହୁ ସଂଖ୍ୟାରେ ବ୍ୟାଙ୍କ ପାସ୍ ବୁକ୍, ବୀମା କାଗଜପତ୍ର ଏବଂ ବାଲି ପରିବହନ ପାଇଁ ପ୍ରସ୍ତୁତ କରାଯାଇଥିବା ଏକାଧିକ ଜାଲ୍ ଦସ୍ତାବିଜକୁ ମଧ୍ୟ ପୁଲିସ ନିଜ ହେପାଜତକୁ ନେଇଛି। ପୁଲିସର ବିଭିନ୍ନ ଟିମ୍ ସୂଚନା ଆଧାରରେ ଚିହ୍ନଟ ହୋଇଥିବା ମାଫିଆଙ୍କ ଘର ଚଢ଼ାଉ ଜାରି ରଖିଛନ୍ତି।

# ୨୦ରେ ପ୍ରକାଶ ପାଇବ ଯୁକ୍ତ ଦୁଇ ରେଜଲ୍ଟ

ଭୁବନେଶ୍ୱର,୧୮।୫(ନି.ପ୍ର.): ଯୁକ୍ତ ୨ ପରୀକ୍ଷା ଫଳକୁ ନେଇ ୨୦ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଆସନ୍ତା ମେ ୨୦ ତାରିଖରେ ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବ। ଏକାସଙ୍ଗେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ରେଜଲ୍ଟ ଘୋଷଣା କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି।

ବିଗତ ବର୍ଷଗୁଡ଼ିକରେ ସାଧାରଣତଃ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରଥମେ ଏବଂ ପରେ କଳା ବିଭାଗର ରେଜଲ୍ଟ ପ୍ରକାଶ ପାଉଥିଲା। ମାତ୍ର ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କ ସୁବିଧା ଏବଂ ପରବର୍ତ୍ତୀ ନାମଲେଖା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୦ ତାରିଖରେ ସମସ୍ତ ଚାରୋଟିଯାକ ଷ୍ଟ୍ରିମର ପରୀକ୍ଷା ଫଳ ଏକ ସମୟରେ ଉପଲବ୍ଧ ହେବ। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଶେଷ ହେବା ଦିନଠାରୁ ହିଁ ସମସ୍ତ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ରେଜଲ୍ଟକୁ ଚାତକ ଭଳି ଅପେକ୍ଷା କରି ରହିଥିଲେ। ମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏବେ ସେମାନଙ୍କର ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ରେଜଲ୍ଟ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀମାନେ ନିମ୍ନଲିଖିତ ୱେବସାଇଟ୍ ମାଧ୍ୟମରେ ନିଜର ରୋଲ୍ ନମ୍ବର ଏବଂ ରେଜିଷ୍ଟ୍ରେସନ ନମ୍ବର ଦେଇ ରେଜଲ୍ଟ ଚେକ୍ କରିପାରିବେ। orissaresults.nic.in, chseodisha.nic.in, ଏହାଛଡ଼ା ସଂଶ୍ଳିଷ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ସାମସ୍ କଲେଜ ଲଗଇନ୍ ଜରିଆରେ ପରୀକ୍ଷା ଫଳ ଉପଲବ୍ଧ କରାଇ ଦିଆଯିବ। ସେହିପରି ଛାତ୍ରଛାତ୍ରୀମାନେ ନିଜର ଡିଜିଲକର ଆକାଉଣ୍ଟରୁ ମଧ୍ୟ ମାର୍କସିଟ୍ ଡାଉନଲୋଡ୍ କରିପାରିବେ।

ପରୀକ୍ଷା ଫଳ ପ୍ରକାଶନକୁ ନେଇ ଉଚ୍ଚଶିକ୍ଷର କାର୍ଯ୍ୟାଳୟରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଧିକ ଅପଡେଟ୍ ପାଇଁ ଆମ ପେଜ୍ ସହ ଯୋଡ଼ି ହୋଇ ରୁହନ୍ତୁ।

# ଭୁବନେଶ୍ୱରରେ କାର୍ଯ୍ୟାଳୟ ଖୋଲିବ 'ସେବି'

ଭୁବନେଶ୍ୱର,୧୮।୫(ନି.ପ୍ର.): ପୁଞ୍ଜି ବଜାରର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଭୁବନେଶ୍ୱରରେ ଏକ ନୂତନ କାର୍ଯ୍ୟାଳୟ ଖୋଲିବାକୁ ଯାଉଛି। ଆଜି ଏଥିପାଇଁ ଭଡା ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏକ ଛୋଟ କାର୍ଯ୍ୟାଳୟ ଆରମ୍ଭ ହେବ। ପୂର୍ବରୁ ସେବିର ମୁମ୍ବାଇ ଓ କୋଲକାତା କାର୍ଯ୍ୟାଳୟ ଜରିଆରେ କରାଯାଉଥିବା କାମଗୁଡ଼ିକୁ ଆଗକୁ ଭୁବନେଶ୍ୱରରୁ କରାଯିବ। ଏଥି ସହିତ ଭବିଷ୍ୟତରେ ଏଠାରେ ଏକ ସ୍ଥାୟୀ କାର୍ଯ୍ୟାଳୟ ସ୍ଥାପନ କରାଯିବ ବୋଲି ସେବିର ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ କହିଛନ୍ତି।

ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ ଇନ୍ ଇଣ୍ଡିଆ (ଆମ୍ଫି) ପକ୍ଷରୁ ଆୟୋଜିତ ଆଞ୍ଚଳିକ ନିବେଶକ ସଚେତନତା କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡେ ମ୍ୟୁନିସିପାଲିଟି ବଣ୍ଡର ବୃଥିବା ଗ୍ରହଣୀୟତା ଉପରେ ଆଲୋକପାତ କରିଥିଲେ। ମ୍ୟୁନିସପାଲିଟିଗୁଡ଼ିକ ପାଇଁ ପାଣ୍ଠି ସଂଗ୍ରହ କରିବାର ଏହି ବ୍ୟବସ୍ଥାକୁ ଓଡିଶା ଗମ୍ଭୀରତାର ସହ ଗ୍ରହଣ କରିବା ଦରକାର ବୋଲି ସେ କହିଥିଲେ। ସେ କହିଲେ, ବର୍ତ୍ତମାନ ସୁଦ୍ଧା ଦେଶର ୨୨ଟି ସହରାଞ୍ଚଳ ପେର ସଂସ୍ଥା ୩୩ ମ୍ୟୁନିସପାଲିଟି ବଣ୍ଡ ଜାରି କରି ୪୫୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମ୍ୟୁନିସିପାଲିଟିଗୁଡିକ ଏହି ବଣ୍ଡ ଜାରି କରିଛନ୍ତି। ଓଡିଶା ମଧ୍ୟ ସେଥିରେ ସାମିଲ ହୋଇ ସେହି ବଣ୍ଡର ଲାଭ ହାସଲ କରିବା ଉଚିତ୍। ଦ୍ରୁତ ଗତିରେ ବୃଥିବା ସହରାଞ୍ଚଳ ବିକାଶ ପାଇଁ ପାଣ୍ଠି ଆବଶ୍ୟକତା ପୂରଣ କରିବାରେ ଏହି ବଣ୍ଡ ସହାୟକ ହୋଇପାରିବ। କେନ୍ଦ୍ର ସରକାର ଏହି ବଣ୍ଡ ଉପରେ ଅନୁଦାନ ଆକାରରେ ପ୍ରୋତ୍ସାହନ ମଧ୍ୟ ଦେଉଛନ୍ତି ବୋଲି ଶ୍ରୀ ପାଣ୍ଡେ କହିଥିଲେ। ଦେଶର ମ୍ୟୁଚୁଆଲ୍ ଫଣ୍ଡ ବଜାର ସମ୍ପର୍କରେ ସେ କହିଥିଲେ ଯେ ୨୦୧୫-୧୬ରେ ଏହାର ଆକାର ୧୨ ଲକ୍ଷ କୋଟି ଟଙ୍କା ଥିଲା ଯାହା ବର୍ତ୍ତମାନ ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେଥି ପ୍ରତି ଓଡିଶାର ଅବଦାନ ପ୍ରାୟ ୭୧ ହଜାର କୋଟି ଟଙ୍କା ରହିଛି ଯାହା ଜାତୀୟ ବଜାରର ୧ ପ୍ରତିଶତରୁ ମଧ୍ୟ କମ୍। ଦେଶର ଅର୍ଥନୀତି ପ୍ରତି ଓଡିଶାର ଅବଦାନ ୩ ପ୍ରତିଶତ ପାଖାପାଖି ରହିଛି। ମ୍ୟୁଚୁଆଲ୍ ଫଣ୍ଡ ବଜାରର ଅବଦାନ ଅନ୍ତତଃ ୩ ପ୍ରତିଶତକୁ ବୃଦ୍ଧି ପାଇବା ଦରକାର ବୋଲି ସେ କହିଥିଲେ। ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି)ର ମାସିକ ଅଭିବୃଦ୍ଧିରେ ଓଡିଶା ବଜାର ସାରା ଦେଶରେ ଅଗ୍ରଣୀ ସ୍ଥାନରେ ଥିବା ସେ ସୂଚନା ଦେଇଥିଲେ।

# ତେଲ ପାଇଁ ଚାଲିଗଲା ଜୀବନ

ମାଲକାନଗିରି:୧୮।୫(ନି.ପ୍ର.): ମାଲକାନଗିରି ଜିଲ୍ଲାରେ ତେଲର ଘୋର ଅଭାବ। ପେଟ୍ରୋଲ ଓ ଡିଜେଲ ନମିଳିବାରୁ ପ୍ରଥମେ ପାଞ୍ଚ ହଜାର କୁକୁଡ଼ା ଆଉ ଏବେ ଜଣେ ବ୍ୟକ୍ତିର ଜୀବନଚାଲିଗଲା। ତେଲର ଅଭାବ ଯୋଗୁଁ ଅନେକ ସମସ୍ୟା ଭୋଗୁଛନ୍ତି ଜନତା। କେଉଁଠି ଘଣ୍ଟା ଘଣ୍ଟା ଧରି ଲୋକେ ଲାଇନ ରେ ଛିଡା ହେଉଛନ୍ତି ତ ଆଉ କେଉଁଠି ଜାତୀୟ ରାଜପଥ ଜାମ ହେଉଛି। ସେଥି ମଧ୍ୟରୁ ଆସିଛି ଆଉ ଏକ ହୃଦୟ ବିଦାରକ ଚିତ୍ର ଯେଉଁଠି ତେଲ ର ଅଭାବ ଯୋଗୁଁ ଚାଲିଗଲା ଜଣେ ବ୍ୟକ୍ତିର ଜୀବନ। ମୃତ ବ୍ୟକ୍ତି ଜଣକ ହେଲେ ମାଲକାନଗିରି ଜିଲ୍ଲା କୁସୁମପୁଟ ଗାଁର ବସନ୍ତ ଖିଲ।

ଘଟଣା ଅନୁଯାୟୀ ମୃତ ବସନ୍ତ ଆମ୍ବ ତୋଳିବା ପାଇଁ ଗଛ ଉପରେ ଚଢିଥିଲେ। ହେଲେ ହଠାତ ତାଙ୍କ ଗୋଡ ଖସିଯିବାରୁ ସେ ପଡ଼ି ଯାଇଥିଲେ। ତଳେ ପଡ଼ିଯିବା ପରେ ସେ ଗୁରୁତର ହୋଇଥିଲେ। ତୁରନ୍ତ ପରିବାର ଲୋକେ ତାଙ୍କୁ ବାଇକଯୋଗେ ଚିକିତ୍ସାଳୟକୁ ଆଣୁଥିବା ବେଳେ ଅଧା ରାସ୍ତାରେ ଗାଡ଼ିର ତେଲ ସରିଯାଇଥିଲା। ତେବେ ତେଲ ସରିବା ପରେ ସେହି ଅଞ୍ଚଳରେ ତେଲ ନ ମିଳିବା ଯୋଗୁଁ ଅଧା ରାସ୍ତାରେ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା। କିଛି ସମୟ ପରେ ଆମ୍ବୁଲାନ୍ସ ଆସିବା ପରେ ବସନ୍ତକୁ ମାଥିଲି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାଥିଲିରେ ଡାକ୍ତର ତାଙ୍କୁ ସେଠାରୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ରିଲିଭ୍ କରିଥିଲେ। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଡାହୁକ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ସାରେ
ଘରୁ ବାହାରିକି ଯାଉଛ କୁଆଡ଼େ
ମୁହଁ ଲାଗୁନି ଲାଜ
ଓଡ଼ିଆଙ୍କ ପାଇଁ ଗରବ ନା ତୁମେ
ଓଡ଼ିଆଙ୍କ ପାଇଁ ବୋଝ
ବାରମ୍ବାର ପ୍ରଶ୍ନ ପତର ଲିକି
ଛାତ୍ରଛାତ୍ରୀ ଦହଗଞ୍ଜ
ତୁମେ ସିନା ଡିହ ଗାଲୁଆ ସାଜିଚ
ଆମକୁ ଲାଗୁଚି ଲାଜ।
-ବିଧୁ